# NATIONAL NEWS BULLETIN (ODIA)
## 10 November - 2024
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ଆସନ୍ତାକାଲି ଶେଷ ହେବ ପ୍ରଚାର ।

– ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋରଦାର ।

– ପଶ୍ଚିମବଙ୍ଗର ୬ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ।

- ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନକୁ ସମ୍ମାନ ଜଣାଇ ଆସନ୍ତା ବୁଧବାର ଛତିଶଗଡ଼ରେ ଆୟୋଜିତ ହେବ 'ମାଇ ଭାରତ ୟୁଥ୍ ପଦଯାତ୍ରା' ।

- କାନାଡ଼ାରେ ବ୍ରିଟିଶ କଲମ୍ବିଆରେ ଜଣେ ଶିଶୁ ଏଚ୍-ଫାଇଭ୍ ବାର୍ଡ ଫ୍ଲୁ ସଂକ୍ରମଣରେ ଆକ୍ରାନ୍ତ ସୂଚନା ।

ଏବଂ

- ଆଉ କିଛି ସମୟ ପରେ ଅନୁଷ୍ଠିତ ହେବ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟି-୨୦ କ୍ରିକେଟ ମ୍ୟାଚ୍ ।

# ଝାଡ଼ଖଣ୍ଡ-କ୍ୟାମ୍ପେନିଂ

ଝାଡ଼ଖଣ୍ଡରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ଆସନ୍ତାକାଲି ପ୍ରଚାର କାର୍ଯ୍ୟ ଶେଷ ହେବ। ଏହା ପୂର୍ବରୁ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତାମାନେ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ହାସଲ କରିବା ପାଇଁ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି।

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦି ଆଜି ଗୁମଲା ଓ ବୋକାରୋରେ ଜନସଭାକୁ ସମ୍ବୋଧିତ କରିଛନ୍ତି। ବିଜେପି-ଏନଡିଏ ସରକାର 'ସବକା ସାଥ୍, ସବକା ବିକାଶ'ର ପ୍ରତି ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଏହି ମାର୍ଗକୁ ଅନୁସରଣ କଲେ ଉଭୟ ଝାଡ଼ଖଣ୍ଡ ଓ ଭାରତରେ ଉଲ୍ଲେଖନୀୟ ବିକାଶ ହୋଇପାରିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ତେବେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଏବଂ କଂଗ୍ରେସକୁ ସମାଲୋଚନା କରି ଶ୍ରୀ ମୋଦି କହିଛନ୍ତି, ସେମାନଙ୍କ ଉଦ୍ଦେଶ୍ୟ ଭିନ୍ନ ଏବଂ ତାହା ରାଜ୍ୟର ପ୍ରଗତି ସହିତ ଆଦୌ ସମ୍ପର୍କିତ ନୁହେଁ।

ରାଜ୍ୟରେ କୃଷିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ଏବଂ ବିକ୍ରୟ ବୃଦ୍ଧି ପାଇଁ ଯୋଜନା  ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। କୃଷକ ଏବଂ ସେମାନଙ୍କ ସ୍ୱାର୍ଥକୁ ସମର୍ଥନ

କରିବାରେ ସକ୍ରିୟ ପଦକ୍ଷେପ ପାଇଁ ସେ ଝାଡ଼ଖଣ୍ଡ ବିଜେପିର ପ୍ରଶଂସା କରିଛନ୍ତି ।

ଆଜି ସନ୍ଧ୍ୟାରେ ମୋଦି ରାଞ୍ଚିରେ ଏକ ରୋଡ୍ ସୋ' କରୁଛନ୍ତି ।

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ରାଞ୍ଚିରେ ଆଜି ନିର୍ବାଚନୀ ରାଲି କରିଥିଲେ । ବିଜେପି ତାଙ୍କ ବିରୋଧରେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଛି ବୋଲି ଶ୍ରୀ ସୋରେନ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ଝାଡ଼ଖଣ୍ଡବାସୀ ଏହି କାର୍ଯ୍ୟକୁ ତୀକ୍ଷ୍ଣ ଦୃଷ୍ଟିରେ ରଖିଛନ୍ତି ଏବଂ ଆଗାମୀ ନିର୍ବାଚନରେ ବିଜେପିକୁ କଡ଼ା ଜବାବ ଦେବେ । ଝାଡ଼ଖଣ୍ଡ ବିଜେପି ସଭାପତି ବାବୁଲାଲ ମାରାଣ୍ଡି ମୁଖ୍ୟମନ୍ତ୍ରୀ ସୋରେନଙ୍କ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, କେନ୍ଦ୍ରୀୟ ଏଜେନ୍ସିମାନେ କେବଳ ସେମାନଙ୍କ କର୍ତ୍ତବ୍ୟ ପାଳନ କରୁଛନ୍ତି ।

ଆସନ୍ତା ୧୩ ତାରିଖ ବୁଧବାର ଦିନ ପ୍ରଥମ ପର୍ଯ୍ୟାୟରେ ଝାଡ଼ଖଣ୍ଡ ବିଧାନସଭାର ୪୩ଟି ଆସନ ପାଇଁ ମତଦାନ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ଚଳିତ ମାସ ୨୦ ତାରିଖରେ ୩୮ଟି ଆସନ ପାଇଁ ମତ ଗ୍ରହଣ କରାଯିବ ।

## ମହାରାଷ୍ଟ୍ର କ୍ୟାମ୍ପେନିଂ

ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଜୋରସୋରରେ ଚାଲିଛି । ବିଭିନ୍ନ ରାଜନୈତିକ ଦଳର ନେତାମାନେ ରାଜ୍ୟବ୍ୟାପୀ ର୍ୟାଲି,

ରୋଡ୍ ସୋ' ଓ ଜନସଭା କରି ଭୋଟରଙ୍କ ସମର୍ଥନ ହାସଲ ପାଇଁ ଉଦ୍ୟମ କରୁଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହ ଆଜି ଜଲଗାଓଁ, ମଲକାପୁର ଏବଂ ବୁଲଧାନାରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧିତ କରିଛନ୍ତି । ବିରୋଧୀ ମହାବିକାଶ ଅଗାଡି ମେଣ୍ଟ ମିଥ୍ୟା ପ୍ରତିଶ୍ରୁତି ଦେଉଛି ବୋଲି ସେ ଅଭିଯୋଗ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ନୀତିନ ଗଡ଼କରୀ ନାଗପୁର ଓ ୟବତମାଲ୍‌ରେ ବୈଠକ କରିଛନ୍ତି ।  ଏହା ପୂର୍ବରୁ ଶ୍ରୀ ଶାହା ମୁମ୍ବାଇରେ ବିଜେପିର ଇସ୍ତାହାର ଉନ୍ମୋଚନ କରିଥିଲେ । ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜନ ଖଡ଼ଗେ ଆଜି ମହାବିକାଶ ଆଘାଡି ମେଣ୍ଟର ଇସ୍ତାହାର ଉନ୍ମୋଚନ କରିଛନ୍ତି ।

ଏନ.ସି.ପି– ଏସ୍.ପି. ମୁଖ୍ୟ ଶରଦ ପାୱାର ଧାରାଶିବ, ଅହମ୍ମଦନଗର ଏବଂ ଛତ୍ରପତି ସମ୍ଭାଜୀ ନଗରରେ ଏମ.ଭି.ଏ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ମଧ୍ୟ ସୋଲାପୁରଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଥିଲେ ।

## ଡବ୍ଲ୍ୟୁବି–ବାଇଇଲେକସନ୍

ପଶ୍ଚିମବଙ୍ଗର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସିତାଇ, ମଦାରିହାଟ, ନୈହାଟି, ହାରୋଆ, ମେଦିନୀପୁର ଓ ତାଳଡଙ୍ଗରାରେ

ବୁଧବାର ଉପନିର୍ବାଚନ ହେବ। ଏହି ନିର୍ବାଚନ ମଣ୍ଡଳୀରେ ଅବାଧ ଓ ନିରପେକ୍ଷ ମତଦାନ ପାଇଁ ନିର୍ବାଚନ ଆୟୋଗ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ରାଜ୍ୟ ପୁଲିସ ଓ କ୍ୱିକ୍ ରେସପନ୍ସ ଟିମ୍ ସହ ମୋଟ ୧୦୮ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମୁତୟନ ହେବେ।

ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ସକ୍ରିୟ ଭାବେ ପ୍ରଚାର କରି ଭୋଟରଙ୍କ ସମର୍ଥନ ହାସଲ କରିବାକୁ ଚେଷ୍ଟା କରୁଛନ୍ତି। ମତଦାନ ପ୍ରକ୍ରିୟାରେ ୧୫ ଲକ୍ଷରୁ ଅଧିକ ଭୋଟର ଅଂଶଗ୍ରହଣ କରିବେ। ମତଦାନ ଦିବସରେ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସମସ୍ତ ମତଦାନ କେନ୍ଦ୍ରରୁ ୱେବକାଷ୍ଟ କରାଯିବ  ବୋଲି ଜଣାପଡ଼ିଛି।

## ପିଏମ୍-କଣ୍ଡୋଲେନ୍ସ

ପ୍ରସିଦ୍ଧ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ତିରୁ ଦିଲ୍ଲୀ ଗଣେଶଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ବରିଷ୍ଠ ତାମିଲ ଅଭିନେତା ତିରୁ ଦିଲ୍ଲୀ ଗଣେଶଙ୍କର ନିଖୁଣ ଅଭିନୟ ଦକ୍ଷତା ଥିଲା। ସେ କହିଛନ୍ତି , ଅଭିନେତା ତିରୁ ପ୍ରତ୍ୟେକ ଭୂମିକାରେ ଅତ୍ୟନ୍ତ ମନସ୍କ ଭାବରେ ଅଭିନୟ କରୁଥିଲେ।

## ମାଣ୍ଡବ୍ୟ ପଦଯାତ୍ରା

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆସନ୍ତା ବୁଧବାର ଛତିଶଗଡ଼ର ଜଶପୁରଠାରେ 'ମାଇଁ ଭାରତ ଯୁଥ୍ ସ୍ୱେଚ୍ଛାସେବୀ'ଙ୍କ ସହ ପଦଯାତ୍ରା କରିବେ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏଙ୍କ ସମେତ ରାଜ୍ୟର ଅନ୍ୟ ମନ୍ତ୍ରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

ଭଗବାନ ବିର୍ସା ମୁଣ୍ଡାଙ୍କ ଐତିହ୍ୟ ଓ ଦେଶର ବିକାଶରେ ଆଦିବାସୀ ସମ୍ପ୍ରଦାୟର ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଜଣାଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଆଦିବାସୀ ଐତିହ୍ୟକୁ ପାଳନ କରିବା, ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ଏବଂ ସାରା ଦେଶରେ ଆଦିବାସୀ ସମ୍ପ୍ରଦାୟମାନଙ୍କ ପାଇଁ ଲାଭଦାୟକ ସରକାରୀ ଯୋଜନା ବିଷୟରେ ସଚେତନ ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି।

## କାନାଡ଼ା-ଏଚ୍୫ ବାର୍ଡ ଫ୍ଲୁ

କାନାଡାରେ ବ୍ରିଟିଶ କଲମ୍ବିଆରେ ଜଣେ ଛୋଟ ପିଲା ବାର୍ଡ ଫ୍ଲୁରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏହା ଦେଶର ପ୍ରଥମ ଏଚ୍-ଫାଇଭ୍ ଷ୍ଟ୍ରେନ୍ ବୋଲି କୁହାଯାଇଛି। ସେଠାକାର ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ, ପୀଡ଼ିତ ଜଣକ ଏଚ-ଫାଇଭ୍ ଏଭିଆନ୍ ଫ୍ଲୁରେ ଆକ୍ରାନ୍ତ ହୋଇ ଶିଶୁ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବିଶେଷଜ୍ଞମାନେ ପୀଡ଼ିତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ସଂକ୍ରମଣର କାରଣ ଖୋଜିବା ଏବଂ କୌଣସି ସମ୍ଭାବ୍ୟ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ଅଭିଯାନ ଆରମ୍ଭ କରାଯାଇଛି। ଏହି ସଂକ୍ରମଣ ପଶୁମାନଙ୍କଠାରୁ ହୋଇଥିବା ସ୍ୱାସ୍ଥ୍ୟ ଅଧିକାରୀମାନେ ସନ୍ଦେହ କରୁଛନ୍ତି। ବ୍ରିଟିଶ କଲମ୍ବିଆ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି, ଏହା ଏକ ବିରଳ ଘଟଣା ଏବଂ ସେମାନେ ସଂକ୍ରମଣର ମୂଳ ଖୋଜିବା ପାଇବା ପାଇଁ ଅନୁସନ୍ଧାନ ଜାରି ରଖିଛନ୍ତି।

ବାର୍ଡ ଫ୍ଲୁ ସାଧାରଣତଃ ଜଙ୍ଗଲୀ ପକ୍ଷୀ ଏବଂ କୁକୁଡ଼ାମାନଙ୍କଠାରେ ଦେଖାଯାଏ, କିନ୍ତୁ ନିକଟରେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କଠାରେ ଏହା ଚିହ୍ନଟ ହୋଇଛି। ଚଳିତ ବର୍ଷ ଯୁକ୍ତରାଷ୍ଟ୍ର ଆମେରିକାରେ ଗୋରୁମାନଙ୍କଠାରେ ଏହାର ପ୍ରକୋପ ଦେଖିବାକୁ ମିଳିଛି । ସଂକ୍ରମିତ ପଶୁ କିମ୍ବା ଦୂଷିତ ପରିବେଶ ସଂସ୍ପର୍ଶରେ ଆସିଲେ ଏହା ମଣିଷକୁ ସଂକ୍ରମିତ କରିବାର ସମ୍ଭାବନା ରହିଛି। ତେବେ ମଣିଷମାନଙ୍କ ଦେହରେ ଏହି ସଂକ୍ରମଣ ବିରଳ ହୋଇଥିଲେ ମଧ୍ୟ ବାର୍ଡ ଫ୍ଲୁ ରେ ଆକ୍ରାନ୍ତ ହେଉଥିବା ସ୍ତନ୍ୟପାୟୀ ପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବୈଜ୍ଞାନିକମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

## ଶ୍ରୀଲଙ୍କା ଆଇଏନ୍‌ଏସ୍-ଭେଲା

ଭାରତୀୟ ନୌସେନାର ବୁଡ଼ାଜାହାଜ ଆଇଏନ୍‌ଏସ୍ ବେଲା କଲମ୍ବୋରେ ପହଞ୍ଚିଛି। ସେଠାରେ ଏକ ତିନି ଦିନିଆ କାର୍ଯ୍ୟକ୍ରମରେ ଆଇଏନ୍‌ଏସ ବେଲା ସାମିଲ ହେବ। ଏହି ବୁଡ଼ାଜାହାଜକୁ ଶ୍ରୀଲଙ୍କା

ନୌସେନା ପକ୍ଷରୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା। ଗସ୍ତ ସମୟରେ ବୁଡ଼ାଜାହାଜର କର୍ମଚାରୀ ଏବଂ ଶ୍ରୀଲଙ୍କା ନୌସେନା କର୍ମଚାରୀଙ୍କ ମଧ୍ୟରେ ଅନେକ ଦଳଗତ ଅଭ୍ୟାସ କରାଯିବାର ଯୋଜନା ରହିଛି। ସ୍ୱଦେଶୀ କାଲଭାରୀ ଶ୍ରେଣୀର ଡିଜେଲ-ଇଲେକ୍ଟ୍ରିକ୍ ବୁଡ଼ାଜାହାଜ ଆଇଏନଏସ ବେଲା ୨୦୨୧ ନଭେମ୍ବରରେ ଭାରତୀୟ ନୌସେନାରେ ସାମିଲ ହୋଇଥିଲା । ଏହି ଗସ୍ତକୁ ଏକ ଅପରେସନାଲ ଟର୍ଣ୍ଣ ଆରାଉଣ୍ଡ ଭାବରେ ବର୍ଗୀକୃତ କରାଯାଇଛି।

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ନୌସେନା ଓ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବାରେ ଏହିଭଳି ଅଭ୍ୟାସ କାର୍ଯ୍ୟ କରାଯାଇଥାଏ। ସାମୁଦ୍ରିକ ନିରାପତ୍ତା ଏବଂ ଆଞ୍ଚଳିକ ଯୋଗାଯୋଗକୁ ବୃଦ୍ଧି କରିବା ନିମନ୍ତେ ଭାରତର 'ପଡ଼ୋଶୀ ପ୍ରଥମ' ନୀତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସାଗର' ପଦକ୍ଷେପର ଦୃଷ୍ଟିକୋଣରୁ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି।

## ଜେକେ-ଡେଲିଗେସନ୍

ଜମ୍ମୁ-କଶ୍ମୀର ଶିଖ୍ ସମନ୍ୱୟ ସମିତିର ଅଧ୍ୟକ୍ଷ ଏସ୍. ଅଜିତ ସିଂହଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଜାମ୍ମୁ ରାଜଭବନରେ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ସାକ୍ଷାତ କରିଛନ୍ତି। ପ୍ରତିନିଧି ଦଳ ପକ୍ଷରୁ

ଏକ ଦାବିପତ୍ର ପ୍ରଦାନ କରାଯିବା ସହ ଜାମ୍ମୁ-କାଶ୍ମୀରରେ ଶିଖ୍ ସମ୍ପ୍ରଦାୟର ଅନେକ ସମସ୍ୟା ବିଷୟରେ ଅବଗତ କରାଯାଇଛି ।

କମିଟି ପକ୍ଷରୁ ଯୋଗ୍ୟ ଶିଖ୍ ସମ୍ପ୍ରଦାୟର ଲୋକଙ୍କୁ ପାହାଡ଼ି ବର୍ଗରେ ଅନ୍ତର୍ଭୁକ୍ତ କରିବା, ପଞ୍ଜାବୀ ଭାଷାର ପ୍ରଚାର ଏବଂ ପ୍ରସାର ଓ ଶ୍ରୀନଗରରେ ମହାରାଜା ରଣଜିତ ସିଂହଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଆଦି ପ୍ରସଙ୍ଗ ଉପସ୍ଥାପନ କରାଯାଇଥିଲା । ଏଥିସହ ଉଧମପୁରର ରାମନଗରର ଐତିହାସିକ ଗ୍ରାମ ସେର ମଞ୍ଜାଲାରେ ଥିବା ଗୁରୁଦ୍ୱାର ସାହିବର ପୁନଃନିର୍ମାଣ ପାଇଁ ଜମି ଆବଣ୍ଟନର ଆବଶ୍ୟକତା ଉପରେ କମିଟି ଅଧ୍ୟକ୍ଷ ଆଲୋକପାତ କରିଥିଲେ ।

ଆଲୋଚନା ସମୟରେ ବୈଠକରେ ଉପସ୍ଥାପନ କରାଯାଇଥିବା ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଉପରାଜ୍ୟପାଳ ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ ।

# ପୁଟିନ-ନର୍ଥ କୋରିଆ

ରୁଷ୍-ଉତ୍ତରକୋରିଆ ଦ୍ୱିପାକ୍ଷିକ ବିସ୍ତୃତ ରଣନୈତିକ ଭାଗିଦାରୀ ସ୍ଥାପନ ସଂକ୍ରାନ୍ତ ଚୁକ୍ତିକୁ ରୁଷ୍‌ର ସଂସଦରେ ଅନୁମୋଦନ ଲାଭ କରିଛି । ଦ୍ୱିପାକ୍ଷିକ ବିସ୍ତୃତ ରଣନୈତିକ ଭାଗିଦାରୀ ନେଇ ଗତ ଜୁନ୍ ୧୯

ତାରିଖରେ ପିଓଙ୍ଗୟାଙ୍ଗଠାରେ ଦୁଇଦେଶର ଶୀର୍ଷ ନେତା ଏକ ଚୁକ୍ତିରେ ସ୍ୱାକ୍ଷର କରିଥିଲେ ।

# କ୍ରିକେଟ-ଇଣ୍ଡିଆ-ସାଉଥ୍ଆଫ୍ରିକା

ଦକ୍ଷିଣ ଆଫ୍ରିକାର ସେଣ୍ଟ ଜର୍ଜ ପାର୍କରେ ଆଉ କିଛି ସମୟ ପରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ।

ଗତ ଶୁକ୍ରବାର ଅନୁଷ୍ଠିତ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ଭାରତ ୬୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଭାରତ ଦେଇଥିବା ଟାର୍ଗେଟକୁ ପିଛା କରିବାରେ ଦକ୍ଷିଣ ଆଫ୍ରିକା ବିଫଳ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୮ ଓ୍ୱିକେଟ୍ ବିନିମୟରେ ୨୦୨ ରନ୍ ସ୍କୋର କରିଥିଲା। ଏହାର ଜବାବରେ ଦକ୍ଷିଣ ଆଫ୍ରିକା ମାତ୍ର ୧୪୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।